text of the time



# ଗାନ୍ଧୀଙ୍କ ସହ କପେ କଫି



ଶୈଳେନ୍ଦ୍ର ଦ୍ୱିବେଦୀ

EVENTS

# ହିୱ୍ରେ ବଜାର,
# ଶ୍ରୀ ଇଲାଙ୍ଗୋ ଏବଂ ଠେଙ୍ଗାପାଳି

ଦୁଇ ଦିନିଆ କର୍ମଶାଳାର ବିଷୟବସ୍ତୁ ଥିଲା 'ସୁଶାସନ' । କର୍ମଶାଳା ଆରମ୍ଭ ହୋଇଥିଲା ଈଶାବାସ୍ୟ ଉପନିଷଦରୁ । 'ଈଶାବାସ୍ୟମ୍ ଇଦମ୍ ସର୍ବମ୍', ଅର୍ଥାତ୍, ଏ ସମଗ୍ର ସୃଷ୍ଟିରେ କେବଳ ଈଶ୍ୱର ହିଁ ବିଦ୍ୟମାନ । ସଜୀବ ଏବଂ ନିର୍ଜୀବ ସବୁଠି ପରମେଶ୍ୱରଙ୍କ ଉଦାର ଉପସ୍ଥିତି । ଯାହା ଆମକୁ ଦ୍ୱୈତର ପରିଚୟ କରାଉଛି ବା ଧାରଣା ଦେଉଛି ତାହା ଅବିଦ୍ୟା । ଆଉ ଯିଏ ନିଜଠି ପରମାତ୍ମାଙ୍କୁ ବା ବିଶୁଦ୍ଧ ବ୍ରହ୍ମଙ୍କୁ ଆବିଷ୍କାର କରିବାପାଇଁ ଚାହିଁବ, ସେ ତ୍ୟାଗକୁ ଆପଣାର ମାର୍ଗ ବୋଲି ବାଛିବ । ସେ ତ୍ୟାଗ ହେବ ସମ୍ପଦର ଏବଂ ପ୍ରତିଷ୍ଠାର । ତାହାହିଁ ବାଟ ଫିଟାଇବ ଏକ ମୁକ୍ତ ଜୀବନକୁ । କର୍ମଶାଳାର ଶେଷ ପର୍ଯ୍ୟାୟ ପର୍ଯ୍ୟବସିତ ଥିଲା ସିଭିଲ୍ ସୋସାଇଟି ଏବଂ ଗୋଷ୍ଠିଗତ ଉଦ୍ୟମ ସମ୍ପର୍କରେ । ନିଜ ବିକାଶର ନକ୍ସା ନିଜେ କେମିତି ତିଆରି କରିବା ଯେଉଁଥିରେ ନିରୋଳା ସରକାରୀ ସାହାଯ୍ୟ/ଅନୁଦାନ ଆଧାର ହେବନାହିଁ, ବରଂ ସମଷ୍ଟିଗତ ଅଙ୍ଗୀକାର ହେବ ବିକାଶ ପାଇଁ ବୀଜମନ୍ତ୍ର ।

ବକ୍ତା ଥିଲେ ଯଥେଷ୍ଟ ଅନୁଭୂତି ସମ୍ପନ୍ନ । ପ୍ରଶାସନ ପାରଦର୍ଶୀ ହେବ, ଉତ୍ତରଦାୟୀ ହେବ ଏବଂ ଅନ୍ତର୍ଭୁକ୍ତୀ ବିକାଶପାଇଁ ସମସ୍ତଙ୍କୁ ସାଙ୍ଗରେ ଧରି ଚାଲିବ, ଆଇନ୍ କାନୁନ୍‌କୁ ବି-ଏକଥା ଯାହା ଦୁଇଦିନ ଧରି ଅନ୍ୟ ବକ୍ତାମାନେ ଲଗାତର କହିଥିଲେ, ବକ୍ତା ଜଣକ ସେ କଥା ଦୋହରାଇ ନଥିଲେ । ସେ ଆମକୁ କହିଲେ ଆମ ଦେଶରେ ଏବଂ ଆମରି ସମୟରେ ଘଟିଥିବା ତିନୋଟି ଅଭୂତପୂର୍ବ ସଫଳତାର କାହାଣୀ । ସେଇ କ୍ରମରେ ସେ ପ୍ରଥମେ ଆମକୁ ନେଇଥିଲେ ମହାରାଷ୍ଟ୍ରର ହିୱ୍ରେ ବଜାରକୁ । ଅହମ୍ମଦନଗର ଠାରୁ ୧୭ କି.ମି. ଦୂର ହିୱ୍ରେବଜାର, ୧୯୮୯/୯୦ରେ ଏକ ପରିତ୍ୟକ୍ତ ଗାଁ ରେ ପରିବର୍ତ୍ତିତ

ହେବା ଆରମ୍ଭ ହୋଇ ସରିଥିଲା । ସାୟଦ୍ରୀ ପର୍ବତମାଳାର ବୃଷ୍ଟିଛାୟା ଅଞ୍ଚଳରେ ଅବସ୍ଥିତ ଏଇ ଗାଁଟିର ମୋଟ କ୍ଷେତ୍ରଫଳ ୯୭୭ ହେକ୍ଟର । ୧୯୯୦ ବେଳକୁ ଏଥିରୁ ପ୍ରାୟ ୨୦୦ ହେକ୍ଟର ଜମିରେ ଜଳ ଅଭାବରୁ କୌଣସି ଫସଲ ଉତୁରି ପାରୁ ନଥିଲା । ହଁ, ଗତ ଶତାବ୍ଦୀର ୭୦ ଦଶକରୁ ଜଳାଭାବ ଏ ଗାଁର ଥିଲା ମୁଖ୍ୟ ସମସ୍ୟା । ଗାଁର ପାରମ୍ପରିକ ଜଳ ଉତ୍ସ ନିଷ୍କ୍ରିୟ ହୋଇ ସାରିଥିଲେ ଏବଂ ତୁହାକୁ ତୁହା ମରୁଡି ଗ୍ରାମ୍ୟ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ସାରିଥିଲା । ସବୁଠୁ ବଡ ମରୁଡି ପଡିଥିଲା ୧୯୭୨ ରେ । ଗଛ ବୃଛ ଢେର୍ କମି ସାରିଥିଲା । ଚାଷ ଲାଭଜନକ ନହେବାରୁ ପ୍ରାୟ ୧,୦୦୦ ଜନସଂଖ୍ୟା ଥିବା ଏ ଗାଁରେ ଲୋକେ ଆରମ୍ଭ କରିଦେଇଥିଲେ ମଦ ବିକ୍ରି । ୧୫/୨୦ ଦେଶୀ ମଦଭାଟି ସ୍ଥାନୀୟ ଅପରାଧ ସଂସ୍କୃତିର ପୃଷ୍ଟପୋଷକତା କରିବା ଯାହା ସାର ହେଲା । ଏ ସ୍ଥିତିରେ ଗାଁରେ ତଥାପି ପଡିରହିଥିବା ଅଳ୍ପ କିଛି ସ୍ୱଚ୍ଛଳ ପରିବାର ପାଖ ଗାଁ/ସହରକୁ ଯିବା ଯୋର୍ ଧରିଲା । ଏତିକିବେଳେ ଗାଁରେ ପହଞ୍ଚିଲେ ପୋପଟ୍ ରାଓ ପାଓ୍ୱାର୍ । ବୟସ ୨୪ । ଅହମ୍ମଦନଗର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସେ ସ୍ନାତକତ୍ତୋର ଡିଗ୍ରୀ ହାସଲ କରିଥିଲେ । ଭଲ କ୍ରିକେଟ୍ ଖେଳାଳୀ ହିସାବରେ ତାଙ୍କର ନାଁ ଥିଲା । ନିଜ ପିଲାଦିନର ଗାଁକୁ ଦେଖି ପୋପଟ୍ ରାଓ ଭାଙ୍ଗି ପଡିଥିଲେ । ଏଣେ ତାଙ୍କ ପରିବାର ଚାହୁଁଥିଲେ ଯେ ସେ ଯେତେ ଶୀଘ୍ର ଗାଁ ଛାଡି ଚାଲି ଯାଆନ୍ତୁ । ବାହାରେ ରହି ପଢାପଢି କରନ୍ତୁ । ଚାକିରୀ କରନ୍ତୁ । ହେଲେ ପୋପଟ୍‌ରାଓଙ୍କ ଭାଗ୍ୟରେ କିଛି ଅଲଗା ଲେଖା ଥିଲା । ଗାଁ ଲୋକେ ଚାହୁଁଥିଲେ ଉଚ୍ଚଶିକ୍ଷିତ ପୋପଟ୍ ଗାଁରେ ରହନ୍ତୁ ଏବଂ ଗାଁ ଅବସ୍ଥା ସୁଧାରିବା ଦାୟିତ୍ୱ ହାତକୁ ନିଅନ୍ତୁ । ୧୯୯୦ରେ ସରପଞ୍ଚ ନିର୍ବାଚନ ଥିଲା । ଗ୍ରାମବାସୀଙ୍କ ଅନୁରୋଧରେ ପୋପଟ୍ ରାଓ ନିର୍ବାଚନରେ ପ୍ରାର୍ଥୀ ହୋଇ ବିଜୟୀ ହେଲେ । ବାସ୍, ତା'ପରେ ଆରମ୍ଭ ହେଲା କ୍ରାନ୍ତି । ତାଙ୍କର ପ୍ରଥମ ଲକ୍ଷ୍ୟ ହେଲା ଯେ ଗାଁରେ ପିଲାଏ ଅନ୍ତତଃ ମାଟ୍ରିକ୍ ପଢିବା ପର୍ଯ୍ୟନ୍ତ (୧୦ମ ଶ୍ରେଣୀ) ସ୍କୁଲଟିଏ ହେଉ । ସେତେବେଳେ ଚତୁର୍ଥ ପରେ ଗାଁ ପିଲା ବାହାରେ ପଢୁଥିଲେ । ନିର୍ବାଚନ ପରେ ଗ୍ରାମସଭା ଡକାହେଲା ଏବଂ ସହମତି ଭିତ୍ତିରେ ଗାଁ ପାଇଁ ପ୍ରାଥମିକତା କ'ଣ ହେବ ସେ ସବୁ କାମର ବିସ୍ତୃତ ଖସଡା ପ୍ରସ୍ତୁତ ହେଲା । ନିଷ୍ପତ୍ତି ନିଆଗଲା ଯେ ଗାଁର ଉନ୍ନତି ପାଇଁ ଏକ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନିଆଯିବ ଯାହା ସାଧାରଣ ଜୀବନରେ ଆଣିବ ସାମାଜିକ/ଅର୍ଥନୈତିକ ପରିବର୍ତ୍ତନ ।

କାର୍ଯ୍ୟକ୍ରମ ଥିଲା ଏମିତି: (୧) ସ୍ୱେଚ୍ଛାକୃତ ଶ୍ରମ ଦାମ (୨) ବୃକ୍ଷ ରୋପଣକୁ ସଫଳ କରିବା ପାଇଁ ମୁକ୍ତ ଚାରଣ ଉପରେ ନିୟନ୍ତ୍ରଣ (ଚରାଇବନ୍ଦୀ) (୩) ଗାଁରେ ଆଦୌ ଗଛ ନକାଟିବା ପାଇଁ ନିଷ୍ପତ୍ତି (କୁରାଡବନ୍ଦି), (୪) ନିଶା ସେବନ ନିଷେଧ (ନଶା ବନ୍ଦି) (୫) ପରିବାର ନିୟନ୍ତ୍ରଣ (କୁଟୁମ୍ବ ନିୟୋଜନ) । ଗାଁର ପୁରାତନ ଜଳ ଉତ୍ସର ପୁନରୁଦ୍ଧାର କରାଗଲା । ନାଳ ଖୋଳି ବର୍ଷାପାଣିକୁ ସଂଗ୍ରହ କରାଗଲା ସଂଯୁକ୍ତ ଗାଡିଆରେ । ସମସ୍ତେ ଗଛ ଲଗାଇଲେ । ୧୫ ଅଗଷ୍ଟ ୧୯୯୪ରେ ହିୱ୍ରେ ବଜାର ଗ୍ରାମସଭା ପ୍ରସ୍ତାବ ଗ୍ରହଣ କଲେ ଯେ ସେମାନେ କୃଷି ଗ୍ରାମ ଜଳଛାୟା ପ୍ରକଳ୍ପକୁ ଆଦର୍ଶ ଗାଁ ଯୋଜନାରେ ସାମିଲ କରିବେ । ୨୦ ବର୍ଷ ପରେ ଏଇ ସାମୂହିକ କାର୍ଯ୍ୟକ୍ରମର ସୁଫଳ ପ୍ରକୃତରେ ଚମକେଇ ଦେବା ପରି ଥିଲା । ଯେଉଁଠି ୧୯୯୪/୯୫ରେ ଘାସ ଉତ୍ପାଦନ ମାତ୍ର ୨୦୦ ଟନ୍ ଥିଲା ତାହା ୨୦୧୧-୧୨ରେ ବୃଦ୍ଧି ପାଇ ଥିଲା ପାଖାପାଖି ୬୦୦୦ ଟନ୍‌କୁ । ୧୯୯୫ରେ ୮୦ରୁ ୧୨୦ ଫୁଟ ଖୋଳିବା ପରେ ଭୂତଳ ଜଳର ସଂଧାନ ମିଳୁଥିଲା । ୨୦୧୦ରେ ପାଣି ମିଳିଲା ମାତ୍ର୧୫ ରୁ ୪୦ ଫୁଟ ଭିତରେ । ସେତିକିବେଳକୁ ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ସହିତ ସହବନ୍ଧିତ ହୋଇ ସାରିଥିଲା ହିୱ୍ରେ ବଜାରର ଗ୍ରାମସଭା । ଗରିବ ଓ ନାମମାତ୍ର ଚାଷୀକୁ ବ୍ୟାଙ୍କ୍ ଲୋନ୍ ଦେବା ଆରମ୍ଭ କରିବା ପରେ ଗାଁରେ ମଦ ଭାଟିର ଆଉ ସତ୍ତା ନଥିଲା । ଲୋକେ ଗୋପାଳନରେ ମନ ଦେଲେ ଏବଂ ୨୦୧୦ ବେଳକୁ ଗାଁରେ ବିକ୍ରି ପାଇଁ ଯାଉଥିଲା ଦୈନିକ ୪୦୦୦ ଲିଟର କ୍ଷୀର । ଯେଉଁ ପରିବାର ସବୁ ଗାଁ ଛାଡି ଚାଲି ଯାଇଥିଲେ ସେମାନେ ପୁଣି ଫେରି ଆସି ଥିଲେ । ୧୯୯୨ରେ ଗାଁର ମୁଣ୍ଡ ପିଛା ଆୟ ଟ.୮୩୨/- ଥିବାବେଳେ ୨୦୧୦ରେ ତାହା ବୃଦ୍ଧି ପାଇଥିଲା ଟ.୪୦,୦୦୦/- କୁ । ଏଇ ସମୟ ଭିତରେ ଗାଁ ରେ ଥିଲା ଅନ୍ତତଃ ୯ ଲକ୍ଷ ଗଛ । ସାମୂହିକ ସଂପଦର ଗୋଷ୍ଠୀଗତ ପରିଚାଳନା ତା'ର କମାଲ୍ ଦେଖେଇ ସାରିଥିଲା । ପୋପଟ୍ ରାଓ ସ୍ପଷ୍ଟ କରିଦେଇଥିଲେ ଯେ ଗାଁର ଉନ୍ନତି ପାଇଁ ସାମ୍ପ୍ରଦାୟିକ ମନୋଭାବ/ବିଦ୍ୱେଷ ସବୁଠୁ ବଡ ଶତ୍ରୁ ଏବଂ ଗାଁର ଉନ୍ନତି ପାଇଁ ଏ ନେଇ ବାଛ ବିଚାରକୁ ଆଦୌ ସ୍ଥାନ ଦିଆଯାଇ ପାରିବ ନାହିଁ । ବଡ କଥା ହେଉଛି ଯେ ଗାଁରେ ଥିବା ଏକ ମାତ୍ର ମୁସଲମାନ ପରିବାର ପାଇଁ ଗାଁ ପାଣ୍ଠିରୁ ମସଜିଦ୍ ତିଆରି କରାଯାଇଥିଲା ।

ଗତବର୍ଷ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ ୧୯୯୫ରେ ହିୱ୍ରେ ବଜାରର ବି.ପି.ଏଲ୍.ପରିବାର ସଂଖ୍ୟା ୧୬୮ ଥିବାବେଳେ ୨୦୧୩ ମାର୍ଚ୍ଚରେ ତାହା ଖସି ଆସିଥିଲା ମାତ୍ର ୩ କୁ । ଗାଁର ପରିମଳ ବ୍ୟବସ୍ଥା ଏକଦମ୍ ରୁଚିପୂର୍ଣ୍ଣ ଏବଂ ଯା'ର ରକ୍ଷଣା ବେକ୍ଷଣ ପାଇଁ କେହି ଝାଡୁଦାର ନିଯୁକ୍ତ ହୋଇ ନାହାନ୍ତି । ସବୁ ଗାଁ ଲୋକ କରନ୍ତି । ଜଳ ସଂରକ୍ଷଣ ଏବଂ ଏହାର ଯଥାର୍ଥ ଉପଯୋଗରେ ହିୱ୍ରେ ବଜାର ପଂଚାୟତ ଉଭୟ ଜାତୀୟ ଏବଂ ଆନ୍ତର୍ଜାତୀୟ ରେକର୍ଡର ଅଧିକାରୀ । ୨୦୦୪ଠୁ ଗ୍ରାମ ପଂଚାୟତ ହାତକୁ ନେଇଛି ବାର୍ଷିକ ପାଣି ଅଡିଟିଂ- ଅର୍ଥାତ୍ ଗାଁକୁ କେତେ ପାଣି ମିଳୁଛି/ କେଉଁ ଉତ୍ସ ମାନଙ୍କରୁ ମିଳୁଛି/ ପାଣିର ଉପଯୋଗ କେମିତି ହେଉଛି । ଏବେ ହିୱ୍ରେ ବଜାର କେବଳ ମହାରାଷ୍ଟ୍ରରେ ନୁହେଁ, ଉଭୟ ଦେଶ ବିଦେଶରେ ଚର୍ଚ୍ଚିତ ଏକ ଆଦର୍ଶ ପଂଚାୟତ । ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳାମାନଙ୍କ ଦୁଗ୍ଧ ସମବାୟ ସମିତି, ୟୁଥ୍ କ୍ଲବ୍, ଭଜନ ମଣ୍ଡଳ ଏବଂ ସାଧାରଣ ଶବଦାହ ବ୍ୟବସ୍ଥା – ଏଠି ସବୁ ଅଛି । ଏ ଗାଁରେ ବାହାର ଲୋକଙ୍କୁ ଜମି ବିକ୍ରି ଗ୍ରାମସଭା ଦ୍ୱାରା ନିଷିଦ୍ଧ । ଜଳ ସେଚନ ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟାରେ ବୋର୍ ୱେଲ୍ ଖୋଳିବା ନିଷିଦ୍ଧ । ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ ଉତ୍ପାଦନ ନିଷିଦ୍ଧ । ଯାହା ସମ୍ଭବତଃ ଭାରତୀୟ ଆଇନରେ ସମ୍ଭବ ହୋଇ ପାରନ୍ତା ନାହିଁ, ତାହା ସମ୍ଭବ ହୋଇଛି କେବଳ ଗ୍ରାମ ସଭାର ଠୋସ୍ ନିଷ୍ପତ୍ତି ଯୋଗୁଁ । ପୋପଟ୍ ରାଓ ପାୱାର୍ ତାଙ୍କର ପିଲାଦିନର ଗାଁ ଫେରି ପାଇଛନ୍ତି ଏବଂ ସେ ପଞ୍ଚାୟତ ମଙ୍ଗ ଧରିବାର ୧୮ ବର୍ଷ ଭିତରେ ଉଜୁଡି ସାରିଥିବା ଗାଁରେ ସମ୍ଭବ ହୋଇଛନ୍ତି ଅନ୍ତତଃ ୫୮ ଜଣ କୋଟିପତି ।

ବକ୍ତାଙ୍କ ଦ୍ୱିତୀୟ ଉଲ୍ଲେଖ ଥିଲେ ରଙ୍ଗ ସ୍ୱାମୀ ଇଲାଙ୍ଗୋ । ବୃତ୍ତିରେ କେମିକାଲ୍ ଇଂଜିନିୟର୍ ଶ୍ରୀ ଇଲାଙ୍ଗୋ ଏକ ବହୁ ରାଷ୍ଟ୍ରୀୟ କଂପାନୀର ଭଲ ଚାକିରି ଛାଡି ଫେରି ଆସିଥିଲେ ଗାଁକୁ । ଗାଁ ନାଁ ହେଉଛି କୁଟମ୍ବକଂ । ଚେନ୍ନାଇରୁ ୩୫ କି.ମି. ଦୂର ଏ ଗାଁ ଇଲାଙ୍ଗୋଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଦାରିଦ୍ର୍ୟର ବିବର୍ଣ୍ଣ ଚକଡା ପାଲଟି ସାରିଥିଲା । ମଦଭାଟି ଏବଂ ସାମ୍ପ୍ରଦାୟିକ ବିଦ୍ୱେଷ ଯା'କୁ ଢେର୍ ଦୁର୍ବଳ କରି ସାରିଥିଲା । ପିଲାଦିନୁ ନିଜ ଗାଁକୁ ନେଇ ଇଲାଙ୍ଗୋଙ୍କର ଥିଲା ଦୁଃଖଦ ଅନୁଭୂତି । ସେ କୃଷକ ପରିବାରରୁ ଆସିଥିଲେ ଏବଂ ଚାକିରୀ କଲାବେଳେ ବି ଚିନ୍ତିତ ଥିଲେ, କେମିତି ଗାଁର ଭାଗ୍ୟ ବଦଳିବ । ଗ୍ରାମବାସୀ ଆତ୍ମନିର୍ଭରଶୀଳ ହେବେ । ୧୯୯୪ରେ ତାମିଲନାଡୁ ପଞ୍ଚାୟତ ଆଇନ ପ୍ରଣୟନ ପରେ ସେ

ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇଥିଲେ ଯେ ଗାଁର ୧୨୦୦ ପରିବାରର ଭାଗ୍ୟ ବଦଳିବା ସମୟ ଆସିଯାଇଛି । ଏବେ କୁଟମ୍ବକଂ ହିଁ୍ୱରେ ବଜାର ପରି ଏକ ଆଦର୍ଶ ଗାଁ । ଇଲାଙ୍ଗୋ କହନ୍ତି ଯେ ୧୯୯୬ ରେ ପଞ୍ଚାୟତ ନିର୍ବାଚନରେ ପ୍ରେସିଡେଣ୍ଟ୍ ହେବାପରେ ସେ କେବଳ ଏତିକି କରିଥିଲେ- ପଞ୍ଚାୟତ ଆଇନକୁ ଅକ୍ଷରେ ଅକ୍ଷରେ ପାଳନ । ସାରା ଦେଶ ବୁଲି ସେ ଅନେକ ନମୁନା ଗାଁ ଦେଖିଥିଲେ, ତେବେ ଯାହା ତାଙ୍କ ଗାଁ ପାଇଁ ସର୍ବୋତ୍କୃଷ୍ଟ, ଠିକ୍ ସେୟା କରିବାପାଇଁ ସେ ଜନସାଧାରଣଙ୍କ ସହଯୋଗ କାମନା କରୁଥିଲେ । ପ୍ରତିଘାତ କିଛି କମ୍ ନଥିଲା । ସରକାରୀ କର୍ମଚାରୀ ଏବଂ ଠିକାଦାର ଏ ପ୍ରକାର ନୂଆ କାର୍ଯ୍ୟଶୈଳୀକୁ ଭଲ ଆଖିରେ ଦେଖୁ ନଥିଲେ । ତାଙ୍କ ବିରୁଦ୍ଧରେ ଅଭିଯୋଗ ଅଣାଗଲା ଏବଂ ୧୯୯୮ରେ ଜିଲ୍ଲାପାଳ ତାଙ୍କୁ ନିଲମ୍ବନ କରି ଅଭିଯୋଗ ଫର୍ଦ୍ଦ ଗ୍ରାମସଭାରେ ପଢିଲେ । କିନ୍ତୁ ଗ୍ରାମସଭାର ପ୍ରତିକ୍ରିୟା ଥିଲା ଅଦ୍ଭୁତ । ସମସ୍ତେ ଏକ କଣ୍ଠରେ ଏସବୁ ଅଭିଯୋଗକୁ ଏକାବେଳକେ ଭିତ୍ତିହୀନ ବୋଲି ମତ ଦେଲେ ଏବଂ ତାଙ୍କୁ ପୁନଃନିଯୁକ୍ତି ମିଳିଲା । ୨୦୦୦ ମସିହାରେ ଭାରତରେ ପ୍ରଥମଥର ପାଇଁ ଶ୍ରୀ ଇଲାଙ୍ଗୋ ତାଙ୍କ ଗାଁରେ ଗୋଟିଏ କଲୋନୀରେ ୫୦ଟି ଯୁଗ୍ମ ଘର ତୋଳିଲେ । ଏକା କାନ୍ଥ ଏବଂ ଏକ ମଥାନକୁ ଆଶ୍ରାକରି ଗୋଟିଏ ପାଖରେ ରହୁଥିଲା ଜଣେ ଦଳିତ ଏବଂ ଗୋଟିଏ ପାଖରେ ସାଧାରଣ ବର୍ଗର ଲୋକ । ପରବର୍ତ୍ତୀ ସମୟରେ ଏଇ ମଡେଲ୍‌କୁ ସାରା ରାଜ୍ୟ ପାଇଁ ଗ୍ରହଣ କରିଥିଲେ ତାମିଲନାଡୁ ସରକାର । ଏବେ ଇଲାଙ୍ଗୋ ଆରମ୍ଭ କରିଛନ୍ତି ପଞ୍ଚାୟତ ଏକାଡେମି ଯାହା ସହିତ ନେଟ୍‌ୱାର୍କରେ ଅଛନ୍ତି ତାମିଲନାଡୁର ୭୦୦ ପଞ୍ଚାୟତ । କୁଟୁମ୍ବକଂ ଏକ୍‌ଦମ୍ ବଦଳି ସାରିଛି ।

ବକ୍ତାଙ୍କ ଆଲୋଚନାର ଶେଷ ଚରଣ ସଂପୃକ୍ତ ଥିଲା ନୟାଗଡରୁ ୧୩/୧୪ କି.ମି. ଦୂର ଏକ ଗାଁ କେଶରପୁର ଏବଂ ବିଂଝାଗିରି ପାହାଡ ସହିତ । ପାଠକମାନଙ୍କ ପାଇଁ ସ୍ପଷ୍ଟ କରୁଛି ଯେ ୩୬୦ ହେକ୍ଟର୍ ପରିମିତ ଏଇ ପାହାଡ ସ୍ୱାଧୀନୋତ୍ତର ନୟାଗଡର ଏକ ସଂରକ୍ଷିତ ଜଙ୍ଗଲ । ପାହାଡକୁ ଲାଗିଥିବା ଗାଁ ସବୁ ହେଉଛି କେଶରପୁର, ନାଗମଣ୍ଡଳି, ବିଂଝାଗିରି, ପୁଆଣିଆ, ଅଙ୍ଗାସିଙ୍ଗି, ବଡ ଗୋରଡା ଏବଂ ସାନ ଗୋରଡା । ବଡ ଗୋରଡାକୁ ବାଦ୍ ଦେଲେ ବାକି ଗାଁ ସବୁ ଛୋଟ ଛୋଟ ଗାଁ । ଗ୍ରାମବାସୀଙ୍କ ଜୀବିକା କୃଷି । ସେମାନଙ୍କ ଭିତରୁ ଛୋଟ ଚାଷୀଙ୍କ ସଂଖ୍ୟା ଅଧିକ । କୁହାଯାଏ, ସ୍ୱାଧୀନତା ପର୍ଯ୍ୟନ୍ତ ବିଂଝାଗିରି ପାହାଡ ଅପୂର୍ବ ଥିଲା । ଏଠି ଥିଲା ଛୋଟ ଛୋଟ ଝରଣା । ଜଙ୍ଗଲରେ ଜୀବଜନ୍ତୁ । ତେବେ ଗତ

ଶତାବ୍ଦୀର ଷାଠିଏ ଦଶକ ଆଡକୁ ଜଂଗଲ କଟା ହେବା ଆରମ୍ଭ ହୋଇ ସାରିଥିଲା ଏବଂ ସତୁରୀ ଦଶକରେ ବିଂଝାଗିରି ଲଣ୍ଡାପାହାଡ ହୋଇ ଯାହା ରହିଥିଲା । ଗାଁ ଲୋକ କହନ୍ତି ଯେ ଏକଦା ବିଂଝାଗିରି ଜଂଗଲ ପାଇଁ ପୁରୁଷ ପୁରୁଷ ଧରି ଜାଳେଣି କାଠର ଅଭାବ ଜାଣିନଥିବା ଗ୍ରାମବାସୀ ଥରେ ଏମିତି ସ୍ଥିତିର ସମ୍ମୁଖୀନ ହେଲେ ଯେତେବେଳେ ଜଣଙ୍କ ଶବଦାହ ପାଇଁ କାଠର ଅଭାବ ପଡିଲା । ଅର୍ଥାତ୍, ଯେଉଁ ଜଙ୍ଗଲ ସୃଷ୍ଟି ହେବାପାଇଁ ଶହ ଶହ ବର୍ଷ ଲାଗିଥିଲା ସେଇ ଜଙ୍ଗଲ ଧ୍ୱଂସ ହୋଇସାରିଥିଲା ମାତ୍ର ୧୦/୧୫ ବର୍ଷ ଭିତରେ । ଆଜକୁ ପ୍ରାୟ ୪୦ ବର୍ଷ ତଳେ ବିଂଝାଗିରିର ପୁନରୁଦ୍ଧାର କରିବା ପାଇଁ ଆଗକୁ ବାହାରିଥିଲେ ସେ ଅଞ୍ଚଳର ତିନି ଜଣ । ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ ପ୍ରଫେସର୍ ନାରାୟଣ ହଜାରୀ, ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ଯୋଗୀନାଥ ସାହୁ ଏବଂ କେଶରପୁରର ଜଣେ ନାମକୁ ମାତ୍ର ଚାଷୀ ଶ୍ର ଉଦୟନାଥ ଖଟିଆ । ଗ୍ରାମବାସୀ ପ୍ରଥମେ ବିଂଝାଗିରିର ଏକ ଅଞ୍ଚଳକୁ ଜଗିବା ଆରମ୍ଭ କଲେ ଏବଂ ତା' ସହିତ ସ୍ଥାନୀୟ ଅଂଚଳରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଗଲା । ପଦଯାତ୍ରା ହେଲା, ସଭା ହେଲା ଏବଂ ସ୍କୁଲ ପିଲାଙ୍କ ଭିତରେ ସଚେତନତା ସୃଷ୍ଟି କରାଗଲା । ୧୯୮୨ରେ ବିଧିବଦ୍ଧ ଭାବେ ଜାତୀୟ ସେବା ଦଳ ସହାୟତାରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା ଯେଉଁଥିରେ ଅଂଶ ଗ୍ରହଣ କରିଥିଲେ ୨୨ଟି ଗାଁର ଲୋକ । ଏବଂ ଏଇ କର୍ମଶାଳାରେ ହିଁ ପ୍ରତିଷ୍ଠା ହେଲା 'ବୃକ୍ଷ ଓ ଜୀବର ବନ୍ଧୁ ପରିଷଦ' । ଗାନ୍ଧିବାଦୀ ଆଦର୍ଶରେ ଗ୍ରାମ ପରିଷଦ ଗଠନ ହେଲା । ବର୍ଷରେ ଥରେ ଏଥିପାଇଁ ନିର୍ବାଚନ ହେଲା । ନିଷ୍ପତ୍ତି ନିଆଗଲା ଯେ ଅନ୍ତତଃ ୧୦ ବର୍ଷ ପାଇଁ କେହି ଛେଳି ରଖିବେ ନାହିଁ, ଜଂଗଲକୁ କେହି ଟାଙ୍ଗିଆଧରି ପଶି ପାରିବେ ନାହିଁ , ପାଳି କରି ସମସ୍ତଙ୍କ ଘରୁ ଜଣେ ଜଂଗଲ ଜଗିବେ । ଯା'କୁ କୁହାଯାଇଥିଲା ଠେଙ୍ଗାପାଳି । ଯାହାର ଜଂଗଲ ଜଗିବା ପାଳି ଥିବ ଠିକ୍ ପୂର୍ବଦିନ ତା' ଘର ଆଗରେ ଠେଙ୍ଗା ଥିବ । କମ୍ୟୁନିଟି ଫରେଷ୍ଟ ପୋଲିସିଂର ଉତ୍ତମ ଉଦାହରଣ ଆଉ କ'ଣ ଥାଇପାରେ ! ଜଂଗଲରୁ ଫଳ ନେବାପାଇଁ, ଶୁଖିଲା ଖାଠ ନେବା ପାଇଁ ମନା ନଥିଲା, କିନ୍ତୁ ଗଛ କାଟିବା ଏବଂ ଠେଙ୍ଗାପାଳି ନ ମାନିବାକୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଉଥିଲା । ସଂପୃକ୍ତ ଖିଲାଫକାରୀଙ୍କ ଉପରେ ଜୋରିମାନା ଏମିତି ହେଉଥିଲା: ସେମାନେ ନିଜ ଭୁଲ ପାଇଁ ଗାଁ ପରିଷଦ ଆଗରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବେ ।

୨୦ ବର୍ଷ ପରେ ବିଂଝାଗିରି ଏକଦମ୍ ବଦଳି ସାରିଥିଲା । ୮ ବର୍ଷ ତଳେ ବିଂଝାଗିରି ପାଇଁ ଠେଙ୍ଗାପାଳିରେ ଭାଗ ନେଉଥିବା ଗ୍ରାମବାସୀଙ୍କ ସଂଖ୍ୟା ପହଞ୍ଚିସାରିଥିଲା ୧୨,୦୦୦ରେ । ଖବର ଅନୁସାରେ ସେତେବେଳେ କେବଳ ନୟାଗଡ ଜିଲ୍ଲାରୁ ୮୫୦ ଗାଁ ରେ ୬୫,୦୦୦ରୁ ଅଧିକ ପରିବାର ୨.୫ ଲକ୍ଷ ଏକର ଜଂଗଲ ରକ୍ଷା ପାଇଁ ବାହାରି ସାରିଥିଲେ । ପ୍ରଫେସର୍ ହଜାରୀ ଆଉ ନାହାନ୍ତି, କିନ୍ତୁ ତାଙ୍କ ଉଦ୍ୟମର ଫଳ ଫଳି ସାରିଛି । ବିଂଝାଗିରି ରେ ପୁଣି ଛୋଟ ଛୋଟ ଝରଣା ଦେଖିବାକୁ ମିଳୁଛି । ୪୦ ବର୍ଷ ତଳେ ଯେଉଁଠି ୬୦/୭୦ ଫୁଟ ଖୋଳିଲେ ପାଣି ପଡୁଥିଲା, ଏବେ ୨୦/୨୫ ଫୁଟରେ ପାଣି ପଡୁଛି । ଗତ ଶତାବ୍ଦୀର ୬୦/୭୦ ଦଶକର ଭୟଙ୍କର ମରୁଡି ଆଉ ଏଠି ନାହିଁ । କେଇ ବର୍ଷ ତଳେ ଶିକ୍ଷକ ଶ୍ରୀ ଯୋଗୀନାଥ ସାହୁଙ୍କୁ ନିମନ୍ତ୍ରଣ ମିଳିଥିଲା ଯୁକ୍ତରାଜ୍ୟର ହାମ୍ପସାୟାର୍ କାଉଣ୍ଟିରୁ କେଶରପୁରର ଜଂଗଲ ସଂରକ୍ଷଣ ସଂପର୍କରେ ଏକ ପୁସ୍ତକର ଉନ୍ମୋଚନ ପାଇଁ । ସେ ଅଂଚଳରେ ଶିକ୍ଷା ବିଭାଗ ସ୍କୁଲର ପାଠ୍ୟକ୍ରମ ଭାବେ ଗ୍ରହଣ କରିଥିଲା ଏଇ ପୁସ୍ତକକୁ । ଯୋଗୀ ସାର୍‌ଙ୍କୁ ବୟସ ହୋଇଗଲାଣି । ଉଦୟନାଥ ଆହୁରି ବୟସ୍କ ।  କିନ୍ତୁ ଏବେ ବି ଯୋଗୀ ସାର୍‌ଙ୍କ ଛାତ୍ର ମାନେ ତାଙ୍କ କଥା ଆଲୋଚନା କରନ୍ତି । ସାର୍ କ୍ଲାସ୍‌କୁ ପଶିଲେ ପିଲାମାନେ ଠିଆ ହୋଇ ଏକ ସ୍ୱରରେ କହୁଥିଲେ "ଗଛ ବିନା" ଏବଂ ଯୋଗୀ ସାର୍ ଧାଡିର ଅବଶିଷ୍ଟ ଅଂଶ ପୁରଣ କରୁଥିଲେ, "ଜୀବନ ନାହିଁ ।"

ବକ୍ତା ତାଙ୍କ କ୍ଲାସ୍ ପାଇଁ ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରିସାରିଥିଲେ । ତେବେ ସେଥିପାଇଂ କେହି ଜଣେ ବି ବିବ୍ରତ ନଥିଲେ । ସେ କହିଲେ, ସୁଶାସନ କେବଳ ଏକ ପୋଥି ବିଦ୍ୟା ଭାବେ ଲଦି ଦିଆଯିବ ଏବଂ ଅସଲ ସମସ୍ୟା, ଜୀବନ ସହିତ ଯାର ଜମାରୁ ତାଳମେଳ ନଥିବ, ଫଳ କିଛି ହେବନି । ଏବଂ ସବୁ ପ୍ରଶାସନ ନିଜ ଆଡୁ କରିବ, ସେଥିପାଇଁ ଗଣ ଚେତନାରେ ସ୍ପନ୍ଦନ ବି ନଥିବ, ଭାଗିଦାରୀ ବି ନଥିବ, ଏଥିରେ ଇପ୍ସିତ ପରିବର୍ତ୍ତନ ଆସି ପାରିବ ନାହିଁ । ୪୦ ବର୍ଷ ତଳର ସ୍ଥିତି ଆଉ ନାହିଁ । ଏଣୁ ଲୋକେ ଚାହିଁଲେ ଅନେକ କିଛି କରିପାରିବେ ।

(ସମ୍ବାଦ: ୨୦/୬/୨୦୧୪)

❑




Events Publications.
4555 VSS Nagar,
Bhubaneswar- 751007

Non Fiction
Cover: Prakash Mohapatra

ISBN 978-908070-1-2
978-81-908070-1-2